# ଓଡ଼ିଶା ସରକାର
## ମହିଳା ଓ ଶିଶୁ ବିକାଶ ବିଭାଗ

ଚିଠି ସଂଖ୍ୟା WCD-ICDS-G-MISC-0067-2023 /୧୫୪୪୫ ତାରିଖ : ୨୨-୦୮-୨୦୨୪

ପ୍ରେରକ,

ଏନ୍. ସି. ଜ୍ୟୋତିରଞ୍ଜନ ନାୟକ, ଓ. ପ୍ର. ସେ. (ବରିଷ୍ଠ ବର୍ଗ)
ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର

ପ୍ରାପ୍ତେଷୁ

ଜିଲ୍ଲାପାଳ,
ସୁନ୍ଦରଗଡ଼,ଦେଓଗଡ଼,ଯାଜପୁର,ମୟୂରଭଞ୍ଜ ଓ କେନ୍ଦୁଝର

ବିଷୟ: କ୍ରେଚ୍ ରେ ଶିଶୁମାନଙ୍କ ସୁରକ୍ଷା ନିଶ୍ଚିତ କରିବା ସମ୍ବନ୍ଧରେ ।

ମହାଶୟା /ମହାଶୟ,

ମୁଁ ନିର୍ଦ୍ଦେଶ କ୍ରମେ ଆପଣଙ୍କ ଅବଗତ ନିମନ୍ତ ଜଣାଉଅଛି କି ଉପରୋକ୍ତ ବିଷୟକୁ ଆଧାର କରି, ଜିଲ୍ଲାରେ ଶିଶୁମାନଙ୍କ ପାଇଁ ଥିବା କ୍ରେଚ୍ ଭିତରେ ପିଲାଙ୍କ ସୁରକ୍ଷା ସହିତ ସେମାନଙ୍କ କଲ୍ୟାଣ ନିମନ୍ତେ ନିମ୍ନଲିଖିତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଆବଶ୍ୟକ:

୧. କ୍ରେଚ୍ ରୁ ଯିବା ସମୟରେ ଶିଶୁମାନଙ୍କୁ କେବଳ ତାଙ୍କ ପିତା-ମାତାଙ୍କୁ ହିଁ ହସ୍ତାନ୍ତର କରନ୍ତୁ । ପିତାମାତାଙ୍କ ବ୍ୟତୀତ ଶିଶୁମାନଙ୍କୁ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ ନାହିଁ ।

୨. ଜଳାଶୟ ବା ଅନ୍ୟାନ୍ୟ ବିପଦ ପୂର୍ଣ୍ଣ ଜାଗା ଠାରୁ ସୁରକ୍ଷିତ ଦୂରତାରେ କ୍ରେଚ୍ ଥିବା ନିଶ୍ଚିତ କରନ୍ତୁ।

୩. ଶିଶୁର ସୁରକ୍ଷାକୁ ଦୃଷ୍ଟିରେରଖି କ୍ରେଚ୍ ର ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ଠିକ ରଖିବା ସଙ୍ଗେ ସଙ୍ଗେ, ବିଦ୍ୟୁତ ସଂଯୁକ୍ତ ପଏଣ୍ଟ କୁ ଶିଶୁମାନଙ୍କ ଠାରୁ ଦୂରରେ ରଖନ୍ତୁ।

୪ ଶିଶୁମାନଙ୍କ ପାଇଁ ଶିଶୁ ଉପୋଯୋଗୀ ଆସବାବପତ୍ର ବ୍ୟବହାର କରନ୍ତୁ।

୫.ନିୟମିତ ଭାବେ ପିଲାମାନଙ୍କ ଦ୍ୱାରା ବ୍ୟବହୃତ ଖେଳନା ଓ ଅନ୍ୟାନ୍ୟ ଉପକରଣକୁ ଭଲ ଭାବରେ ସଫା ସୁତୁରା କରି ରଖନ୍ତୁ ।

୬. ପିଲାମାନଙ୍କର ନୀତିଦିନ କାର୍ଯ୍ୟକଳାପ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପିତାମାତାଙ୍କୁ ଅବଗତ କରାନ୍ତୁ ।

ଏହା ସହିତ, କ୍ରେଚ୍ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ଚଳେଇବା ପାଇଁ ନିୟମିତ ଭାବେ କ୍ରେଚ୍ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ କାର୍ଯ୍ୟକ୍ଷେତ୍ରର ପୂର୍ଣ୍ଣ ଆନୁଧ୍ୟାନ କରି ବିହିତ ପଦକ୍ଷେପ ନେବା ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ବା ସଂଗଠନ ମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।

ଆପଣଙ୍କ ବିଶ୍ୱସ୍ତ

ଜ୍ୟୋତିରଞ୍ଜନ
୨୨/୮/୨୦୨୪

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ......18446...... /ମହିଳା ଓ ଶିଶୁ ବିକାଶ ବିଭାଗ/ ତାରିଖ ...22-08-2024...

ଏହାର ଏକକିତା ନକଲ ପ୍ରମୁଖ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀଙ୍କୁ ପ୍ରମୁଖ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) 22/8/2024

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ......18447...... /ମହିଳା ଓ ଶିଶୁ ବିକାଶ ବିଭାଗ/ ତାରିଖ ...22-08-2024...

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସୁନ୍ଦରଗଡ଼,ଦେଓଗଡ଼,ଯାଜପୁର,ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

(signature) 22/8/2024

ଅତିରିକ୍ତ ଶାସନ ସଚିବ